ସମ୍ବାଦ

# ପୂର୍ତ୍ତ କର୍ମଚାରୀଙ୍କୁ ଦିନିକିଆ 'ଏଆଇ' ପ୍ରଶିକ୍ଷଣ



ଭୁବନେଶ୍ବର,୨୫/୨(ଇମିସ): ରାଜ୍ୟ ସରକାର ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଗଠନ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଏହି କ୍ରମରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ଭରପୂର ଉପଯୋଗ କରି ବିଭିନ୍ନ କାର୍ଯ୍ୟକ୍ରମକୁ ଠିକ୍ ଓ ତ୍ବରିତ ଗତିରେ ଆଗେଇ ନେବାକୁ ପୂର୍ତ୍ତ ବିଭାଗ ପକ୍ଷରୁ ସମସ୍ତ ଅଧିକାରୀ, ଇଞ୍ଜିନିୟର ଓ କର୍ମଚାରୀଙ୍କ ପାଇଁ ଏକ ଦିନିକିଆ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ 'ଏଆଇ'ର ବିଭିନ୍ନ ଦିଗ, ବ୍ୟବହାର ପ୍ରଣାଳୀ, କାର୍ଯ୍ୟକୁଶଳତା, ବିଭିନ୍ନ ଡାଟା ଆଧାରରେ ଡକୁମେଣ୍ଟ ପ୍ରସ୍ତୁତ କରିବାରେ 'ଏଆଇ'ର ଦକ୍ଷତା ବିଷୟରେ ଅଧିକାରୀ ଓ କର୍ମଚାରୀମାନଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ଏହି କର୍ମଶାଳାରେ ପୂର୍ତ୍ତ ବିଭାଗର ସ୍ବତନ୍ତ୍ର ସଚିବ ଲକ୍ଷ୍ମୀକାନ୍ତ ପାଢ଼ୀ, ଅତିରିକ୍ତ ସଚିବ ଦୀପକ ରଞ୍ଜନ ଦାସ, ସର୍ବୋଚ୍ଚ ଯନ୍ତ୍ରୀ(ଡିଜାଇନ୍) ସମୀର ହୋତା, ଯୁଗ୍ମ ସଚିବ (ଆଇଟି) ଦୀପ୍ତି ରଞ୍ଜନ ବେହେରା, ଅର୍ଥ ପରାମର୍ଶଦାତା ରତିକାନ୍ତ ମହାପାତ୍ର, ମୁଖ୍ୟଯନ୍ତ୍ରୀ (ବିଲ୍ଡିଂ) ପ୍ରିୟବ୍ରତ ସାମନ୍ତରାୟଙ୍କ ସମେତ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। 'ଓକାକ୍' ପକ୍ଷରୁ ଏହି ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।